# Akashvani, Sambalpur

## SAMBALPURI NEWS BULLETIN

### 14 April 2025- 6.47- 6.52 am.

********************************************

ମହାବିଷୁବ ସଂକ୍ରାନ୍ତି ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ମହାବିଷୁବ ସଂକ୍ରାନ୍ତି । ଆଝିର୍ ଦିନୁ ବସନ୍ତ ଋତୁ ଶେଷ୍ ହେଇକରି ଗ୍ରୀଷ୍ମଋତୁ ମୁଲ୍ ହେସି । ତାତିର୍ ମୁକାବିଲା ଲାଗି ପଣା ପିଇବାର୍ ପରମ୍ପରା ରହିଛେ । ହେଥିର୍‌ଲାଗି ଆଝିର୍ ଦିନ୍‌କେ ପଣା ସଂକ୍ରାନ୍ତି ଭାବେ ପାଲନ୍ କରାଯାଏସି । ଓଡ଼ିଆ ପାଞ୍ଜି ହିସାବେ ମହାବିଷୁବ ସଂକ୍ରାନ୍ତି ବଛର୍‌ର ପହେଲା ଦିନ୍ ହେଇଥିବାର୍‌ନୁ ଆଝିର୍ ଦିନ୍‌କେ ଓଡ଼ିଆ ନୂଆବଛର୍ ଭାବେ ଭିଲ୍ ପାଲନ୍ କରାଯାଏସି ।

ବଛର୍ ମୁଲ୍ ହେଉଥିବାର୍‌ନୁ ଘରେ ଘରେ ଦେ' ଦେବ୍‌ତାଙ୍କର୍ ଠାନେ ଖାସ୍ ପୂଜା କରାଯାଉଛେ । ରାଜ୍ୟପାଲ୍ ଡକ୍ଟର ହରିବାବୁ କମ୍ଭମପାଟି ପବିତ୍ର ମହାବିଷୁବ ସଂକ୍ରାନ୍ତି ଆର୍ ଓଡ଼ିଆ ନବବର୍ଷର୍ ପହେଲା ଦିନେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଆର୍ ଅଭିନନ୍ଦନ୍ ଜନାବାର୍ ସଙ୍ଗେ ଓଡ଼ିଶାକେ ଦେଶର୍ ଶ୍ରେଷ୍ଠ ରାଏଜ୍ କର୍‌ବାର୍ ଲାଗି ସଭେ ମନ୍ ଦେଇକରି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାବିଷୁବ ସଂକ୍ରାନ୍ତି ଆଉ ଓଡ଼ିଆ ନୂଆବଛର୍ ଅବ୍‌ସରେ ଓଡ଼ିଶା ଆଉ ପୁର୍‌ଥିର୍ ଚାରିକୁତି ରହୁଥିବା ଓଡ଼ିଆମାନଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ଦକ୍ଷିଣ ଓଡ଼ିଶା ନ ପଣା ସଂକ୍ରାନ୍ତି ଗୁଟେ ବଡ଼ ପର୍ବ । ଇତାକେ ମେରୁ ଯାତ୍ରା ବଲି ଭିଲ୍ କୁହାଯାଏସି । ବିଷୁବ ସଂକ୍ରାନ୍ତିଥି ରାଜ୍ୟର୍ ଭିନ୍ ଭିନ୍ ଜାଗାଥି ଝାମୁ ଯାତ୍ରା, ହିଙ୍ଗୁଳା ଯାତ୍ରା ଆର୍ ପଟୁଆ ଯାତ୍ରା ଭାବେ ପାଲନ୍ କରାଯାଉଛେ । ପ୍ରଭୁ ଶ୍ରୀ ରାମଙ୍କର୍ ଭକ୍ତ ହନୁମାନ୍‌ଙ୍କର୍ ଭିଲ୍ ଆଏଜ୍ ଜନମ୍ ଦିନ୍ । ସାରା ଦେଶେ ପ୍ରଭୁ ଶ୍ରୀ ହନୁମାନ୍ ଜନ୍ମୋତ୍ସବ ଆନନ୍ଦ ଉଲ୍ଲାସ୍‌ଥି ପାଲନ୍ କରାଯାଉଛେ ।

ମହାବିଷୁବ ସଂକ୍ରାନ୍ତୀ ସୁରକ୍ଷା ବ୍ୟବସ୍ଥା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏଜ୍ ମହାବିଷୁବ ସଂକ୍ରାନ୍ତୀ ଆଉ ହନୁମାନ ଜୟନ୍ତୀ ପାଳନ ହେବା । ଇଥିର ଲାଗି ପୁଲିସ ତର୍‌ଫୁ ସାରା ରାଏଜେ ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଛେ । ଅତି ସମ୍ବେଦନଶୀଳ ସମ୍ବଲପୁର, ଝାରସୁଗୁଡ଼ା, ବାଲେଶ୍ୱର, ଭଦ୍ରକ ସହେତେ ୯ଟା ଜିଲ୍ଲା ଉପ୍‌ରେ କଡ଼ା ନଜର ରଖାଯାଇଛେ । ହନୁମାନ ଜୟନ୍ତୀ ଅବ୍‌ସରେ ହେବାର୍‌କେ ଥିବା ଶୋଭାଯାତ୍ରାଥି ଆଇନ ଶୃଙ୍ଖଳା ରକ୍ଷା କର୍‌ବାର ଲାଗି ୨ ଶହ ପ୍ଲାଟୁନ୍ ପୁଲିସ ଫୋର୍ସ ସହେତେ ୧୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ଆରକ୍ଷୀ ବାହିନୀ ଆଉ ରାପିଡ୍ ଆକ୍ସନ୍ ଫୋର୍ସ ସହେତେ ଜିଲ୍ଲା ପୁଲିସ ମୁତୟନ୍

ହେଇଛନ୍ । ସେଆଡ଼େ ଶୋଭାଯାତ୍ରା ଯାଉଥିବା ଜାଗାମାନ୍‌କେ ୬୫୦ ଟା ସିସିଟିଭି, ଏଆଇ କେମ୍‌ରା ଆଉ ୪୦ଟା ଡ୍ରୋନ୍ କେମ୍‌ରା ବ୍ୟବସ୍ଥା କରାଯାଇଛେ । ଗଲାକାଏଲ୍ ଭୁବନେଶ୍ୱର ନଥିବା ଡିଜିପିଙ୍କର କେମ୍ପ ଅଫିସ୍‌ନ ଇ ବାବ୍‌ଦେ ଜରୁରୀ ବୈଠକ୍ ହେଇଯାଇଛେ ।

ସେଆଡ଼େ ହନୁମାନ ଜୟନ୍ତୀ ପାଲନ୍ ଆଉ ଶୋଭାଯାତ୍ରା ଲାଗି ଆଏଜ୍ ସମ୍ବଲପୁର ସହର ନ ଗାଡ଼ିମଟର ଚଲାଚଲ୍ ଉପ୍‌ରେ କଟ୍‌କନା ଲାଗୁ କରାଯାଇଛେ । ମଏଧାନର୍ ୩ ବଜେନୁ ରାତିର୍ ୧୧ ବଜେତକ୍ ସହରର ଭିନ୍ ଭିନ୍ ପ୍ରବେଶ ପଥ୍‌ମାନ୍‌କେ ଗାଡ଼ି ଚଲାଚଲ୍‌କେ ବନ୍ଦ ରଖାଯାଇଛେ ।

ଓଡ଼ିଆ ପକ୍ଷ-ମହାବିଷୁବ ସଂକ୍ରାନ୍ତୀ  ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ଓଡ଼ିଶା ଦିବସ୍ ପାଲନ୍ ଦିନୁ ଓଡ଼ିଆ ପକ୍ଷ ପାଲନ୍ କରୁଛନ୍ । ଓଡ଼ିଶାର୍ ସ୍ୱାଭିମାନ୍, ଗୌରବ୍, ପରିଚୟ, କଳା, ସଂସ୍କୃତିକେ ନେଇକରି ଏପ୍ରିଲ ୧ ତାରିଖନୁ ଆଏଜ୍‌ତକ୍ ଫି'ଦିନ ଗୁଟେ ଖାସ୍ ଢଙ୍ଗେ ଇତାକେ ପାଲନ୍ କରାଯାଉଛେ ।

ଓଡ଼ିଆ ପକ୍ଷ ପାଲନ୍‌ର ଶେଷ୍ ଦିନେ ଆଏଜ୍ ମହାବିଷୁବ ସଂକ୍ରାନ୍ତି ଆଉ ଓଡ଼ିଆ ନୂଆବଛର୍ ପାଲନ କରାଯିବା । ଇ

ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ଭୁବନେଶ୍ୱର ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟଠାନେ ଓଡ଼ିଆ ନବବର୍ଷ ପାଳନ୍ ସହେତେ ୧୪ ଦିନ୍ ଧରିକରି ଚାଲିଥିବା ଓଡ଼ିଆ ପକ୍ଷର ଉଦ୍‌ଯାପନୀ ସମାରୋହ ହେବା । କାର୍ଯ୍ୟକ୍ରମଥି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେବେ ।

ମୁଖ୍ୟମନ୍ତ୍ରୀ ଜନଶୁଣାଣି          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ୟୁନିଟ୍ ୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ନ ସର୍‌କାରୀ ଛୁଟି ଥିବାର୍‌ନୁ ଆଏଜ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଅଭିଯୋଗ୍ ଶୁଣାଣିର୍ ତାରିଖ୍ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଆମ୍ବେଦ୍‌କର୍ ଜୟନ୍ତୀ          ଆର୍‌ଏନ୍‌ୟୁ ସମ୍ବଲପୁର୍

ଭାରତୀୟ ସମ୍ବିଧାନ୍‌ର ପ୍ରଣେତା ଡକ୍ଟର୍ ଭିମ୍‌ରାଓ ଆମ୍ବେଦକର୍‌ଙ୍କର୍ ଆଏଜ୍ ଶହେ ୩୫ ନମ୍ବର୍ ଜନମ୍ ଦିନ୍ । ୧୮୯୧ ମସିହା ଆଝିର୍ ଦିନେ ବାବା ସାହେବ୍ ମହାରାଷ୍ଟ୍ର ନ ଜନମ୍ ହେଇଥିଲେ । ସେ ତିଆର୍ କରିଥିବା ସମ୍ବିଧାନ୍ ୧୯୫୦ ମସିହା ଜାନୁଆରୀ ମାସ ୨୬ ତାରିଖ୍‌ଥି ଦେଶେ ଲାଗୁ କରାଯାଇଥିଲା । ଡକ୍ଟର୍ ଆମ୍ବେଦକର ଦେଶର୍ ପହେଲା ଆଇନ୍‌ମନ୍ତ୍ରୀ ଥିଲେ । ଦଲିତ୍ ଆଉ ପଛୁଆ ବର୍ଗର୍ ଲୋକ୍‌ମାନ୍‌କର୍ ସ୍ୱାର୍ଥ ଆର୍ ସ୍ୱାଭିମାନ୍ ରକ୍ଷା ଲାଗି ସେ ସବୁବେଳେ ଚେରେଷ୍ଟା କରୁଥିଲେ । ଇ ମହାନ୍ ନେତାଙ୍କର୍ ଅବଦାନ୍ ଲାଗି ୧୯୯୦ ମସିହାଥି ତାଁକୁ ମରଣୋତର ଭାବେ ଭାରତ୍ ରତ୍ନ ସମ୍ମାନ ଦିଆଯାଇଥିଲା ।

ଆଏଜ୍ ସଖାଲ୍‌ବେଲା ଭୁବନେଶ୍ୱରଠାନେ ଆମ୍ବେରଦକରଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ୍ ଦେଇକରି ଏଜି ଛକ୍‌ଠାନେ ଥିବା ଆମ୍ବେଦକରଙ୍କର ପ୍ରତିମୂର୍ତିଥି ମାଲ୍ୟାର୍ପଣ କର୍‌ବେ । ଇ ଅବ୍‌ସରେ ବେଲ୍‌ବୁଡ଼େ ଭୁବନେଶ୍ୱର ଜୟଦେବ ଭବନ୍‌ଠାନେ ହେବାର୍‌କେ ଥିବା ସାଧାରଣ ସଭାଥି ମୁଖ୍ୟମନ୍ତ୍ରୀଙ୍କର ସହେତେ ବହୁତ୍ ନେତାମନ୍ତ୍ରୀ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଅମୃତ ଷ୍ଟେସନ୍ ଯୋଜ୍‌ନା ଆର୍‌ଏନ୍‌ୟୁ/ ସମ୍ବଲପୁର

ଅମୃତ ଭାରତ ଷ୍ଟେସନ୍ ଯୋଜ୍‌ନା ଅଧିନ୍‌ଥି କେନ୍ଦ୍ରୀୟ ଓଡ଼ିଶା ଷ୍ଟେସନ୍‌ମାନକର୍ ପୁନର୍ବିକାଶ କାମ୍ ମୁଲ୍ ହେଇଛେ । ଇଥି ରେଢ଼ାଖୋଲ, ତାଲଚେର୍, ତାଲ୍‌ଚେର୍ ରୋଡ୍, ମେରାମଣ୍ଡଳୀ, ଅନୁଗୁଳ, ଢେଙ୍କାନାଳ ଷ୍ଟେସନ୍‌ର ଉନ୍ନତିକରଣ କରାଯିବା । ସବୁ ଷ୍ଟେସନ୍‌ର ଉନ୍ନତି ଲାଗି ଶହେ ୩୨ କୋଟି ଟଙ୍କା ବ୍ୟୟ ବରାଦ୍ କରାଯାଇଛେ ।

ପୁଲିସ ହକି ଚେମ୍ପିଅନ୍‌ସିପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ନ ଚାଲିଥିବା ସର୍ବଭାରତୀୟ ପୁଲିସ ହକି ଚେମ୍ପିଅନ୍‌ସିପ୍‌ଥି ଆଏଜ୍ ସେମି ଫାଇନାଲ୍ ମେଚ୍ ଖେଲାଯିବା । ଆଏଜ୍ ପୁରୁଷ ବର୍ଗର ପହେଲା ସେମି ଫାଇନାଲ୍ ମେଚ୍‌ଥି ପଞ୍ଜାବ-ଆଇଟିବିପି ଆଉର୍ ଦୁଇ ନମ୍ବର ସେମି ପାଇନାଲ୍‌ଥି ବିଏସ୍‌ଏଫ୍-ସିଆର୍‌ପିଏଫ୍ ଭିତ୍‌ରେ ମେଚ୍ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ହପ୍ତା ଶେଷତକ୍ ରାଏଜେ କାଲ୍‌ବୈଶାଖୀର୍ ପ୍ରଭାବ୍ ରହେବା ବଲି  ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ  କୁହାଯାଇଛେ ।ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼ଭାଗି ଜିଲ୍ଲାନ ଧୁକାଗର୍ଡ଼ି ଆର୍ ବର୍ଷାର୍ ଅନୁମାନ୍ କରାଯାଇଛେ । ସମ୍ବଲପୁର, ଝାର୍‌ସୁଗୁଡ଼ା, ଦେବ୍‌ଗଡ୍, ସୁନ୍ଦରଗଡ଼ ସହେତେ ୧୪ଟା ଜିଲ୍ଲାନ ଧୁକାଗର୍ଡି ଆର୍ ବର୍ଷାକେ ନେଇକରି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।